# ମନ ଗହନର କାଚ ଝରକାରେ

ମନ ଗହନର କାଚ ଝରକାରେ
ମୁଁ ଦେଖିଲି ଯେଉଁ ଜହ୍ନ
ସେଇ ଜହ୍ନ ଦଉ ସ୍ନିଗ୍ଧ ଜ୍ୟୋସ୍ନାରେ
ପ୍ରିୟାର ମୁଖ ଅମ୍ଳାନ ।

ତା ତନୁରୁ ଝରା ରୂପର ମଦିରା
ପାନେ ପ୍ରିୟ ସଦା ଚେଷ୍ଟିତ
ମାନ, ଅପମାନ, ଶ୍ଳାଘ୍ୟ, ଯାତନା
ହେଉ ଏ ପରାଣେ ବେଷ୍ଟିତ ।

ଜଳଧି ଲହରୀ କଳ କଳ ଧ୍ୱନୀ
ଦେଇଛି ପ୍ରିୟାରେ ସଂଗୀତ
ତା ଚନ୍ଦ୍ର ବଦନ ଝଲସି ଉଠଇ
ପାଇ ରନ୍ ବିଚି ସୈକତ ।

ଯା ସାନିଧ ଦିଏ ପ୍ରେମର ପରଷ
ଚିକୁର ଦିଅଇ ସୁଗନ୍ଧ
କବରୀ ଦିଅଇ ଚଂପାର ସୁରଭି
ଓଷ୍ଠ ପୁଟେ ପ୍ରିୟ ଆବଦ୍ଧ ।

କବିର ଯେତେକ କାବ୍ୟିକ ଭୂଷଣ
ପ୍ରିୟା ଦେହେ ସବୁ ମ୍ଳାନ
ରୂପର ବୈଭବ ପାଶରେ ତୁଳନା
ହୁଏକି ଧାତବ ମାନ ?

ହୃଦୟରେ ପ୍ରେମ ଆବେଗ ରହିଛି
ଅଛି ସଂଗୀତରେ ତାନ
ପାଦର ନିକ୍କଣ ଚିର ଝଂକୃତ
କବିତାର ଉପମାନ ।

ପ୍ରିୟା ପ୍ରିୟା ବୋଲି କବିର ଅଧରେ
ଦିଏ ଶତ ପ୍ରତିଧ୍ୱନୀ
ସଂଗୀତ ଦେଇ ସୃଜନା କରେ ସେ
କବିତାର ସୁରଧୂନୀ ।